# NATIONAL NEWS BULLETIN (ODIA)

## 14 December - 2024

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଚତୁର୍ଥ ମୁଖ୍ୟ ଶାସନ ସଚିବ ସ୍ତରୀୟ ଜାତୀୟ ସମ୍ମିଳନୀ ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ।
  - ସମ୍ମିଳନୀକୁ ଆସନ୍ତାକାଲି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ଶକ୍ତିର ଦାୟିତ୍ୱପୂର୍ଣ୍ଣ ଉପଯୋଗ ଉପରେ ସମସ୍ତଙ୍କ ସହଯୋଗ କାମନା କଲେ ଉପରାଷ୍ଟ୍ରପତି ।
- "ଗୋଟିଏ ଦେଶ, ଗୋଟିଏ ନିର୍ବାଚନ" ସଂକ୍ରାନ୍ତ ଦୁଇଟି ବିଲ୍ ଆସନ୍ତା ସୋମବାର ଲୋକସଭାରେ ହେବ ଆଗତ ।
- ପଞ୍ଜାବର ଆନ୍ଦୋଳନରତ କୃଷକଙ୍କ ଦିଲ୍ଲୀ ଚଲୋ ଡାକରା ପୁଣି ଦିନକ ପାଇଁ ସ୍ଥଗିତ ।

ଏବଂ

- ଗାବା ଟେଷ୍ଟର ପ୍ରଥମ ଦିନର ଖେଳ ବର୍ଷା ଯୋଗୁଁ ବାଧାପ୍ରାପ୍ତ ।

# ପିଏମ୍ ନାସନାଲ କନଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଚତୁର୍ଥ ମୁଖ୍ୟ ଶାସନ ସଚିବ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ଶ୍ରୀ ମୋଦୀ ସମ୍ମିଳନୀକୁ ସମ୍ବୋଧନ କରିବେ। ଏହି ୩ ଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି।  ସାଧାରଣ ବିକାଶ ଏବଂ ଏହାର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା କରାଯିବା ସହିତ ରାଜ୍ୟଗୁଡ଼ିକର ସହଭାଗିଦାରିତା ନେଇ ଏକ ସମନ୍ୱିତ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯିବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଭାଗିଦାରୀକୁ ଆହୁରି ସୁଦୃଢ଼ କରାଯିବା ନେଇ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେଉଛି। ସମବାୟ ସଂଘୀୟ ବ୍ୟବସ୍ଥାକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଦ୍ରୁତ ଅଭିବୃଦ୍ଧି ଓ ବିକାଶ ହାସଲ ପାଇଁ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଉଛନ୍ତି।  ଉଦ୍ୟୋଗ, ନିଯୁକ୍ତି ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବା ତଥା ଜନସଂଖ୍ୟାଗତ ଲାଭାଂଶର ଉପଯୋଗ ଶୀର୍ଷକ ପ୍ରସଙ୍ଗ ଉପରେ ଚଳିତବର୍ଷର ଏହି ଜାତୀୟ ସମ୍ମିଳନୀକୁ ଆୟୋଜନ କରାଯାଇଛି।   ଉତ୍ପାଦନ, ସେବା, ଗ୍ରାମୀଣ ଅଣକୃଷି, ସହରାଞ୍ଚଳ,

ଅକ୍ଷୟଶକ୍ତି, ଅର୍ଥନୀତି ଭଳି ୬ଟି କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି ।

ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ପୁଞ୍ଜିନିବେଶ, ରାଜ୍ୟଗୁଡ଼ିକର ଅର୍ଥନୈତିକ ସଂସ୍କାର ଏବଂ ମିଶନ କର୍ମଯୋଗୀ ମାଧ୍ୟମରେ ଦକ୍ଷତାବିକାଶ ସମ୍ପର୍କିତ ୪ଟି ସ୍ୱତନ୍ତ୍ର ଅଧିବେଶନ ଏହି ସମ୍ମିଳନୀ ଅବସରରେ ଆୟୋଜିତ ହେଉଛି । ସୂଚନାଯୋଗ୍ୟ, ପ୍ରଥମ ସମ୍ମିଳନୀ ଗତ ୨୦୨୨ରେ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିବାବେଳେ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଗତବର୍ଷ ଜାନୁୟାରୀରେ ଏବଂ ତୃତୀୟ ସଂସ୍କରଣ ଗତବର୍ଷ ଡିସେମ୍ବର ମାସରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା ।

## ଏଲ୍ଏସ୍ କନ୍ଷ୍ଟିଚ୍ୟୁସନ୍ ଡିସ୍କସନ୍

ଭାରତୀୟ ସମ୍ବିଧାନର ୭୫ବର୍ଷର ଗୌରବମୟ ଯାତ୍ରା ଉପରେ ଆଜି ଲୋକସଭାରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ସମ୍ବିଧାନ ପ୍ରସ୍ତୁତିରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମ୍ବିଧାନିକ ଭାବନା ଅନୁଯାୟୀ, 'ସବ୍ କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' ମନ୍ତ୍ର

ଆଧାରରେ କାର୍ଯ୍ୟ କରୁଛନ୍ତି। ସ୍ୱାଧୀନତା ପରେ ସମସ୍ତଙ୍କ୍ ପାଇଁ ସମାନ ଅଧିକାର ସୁନିଶ୍ଚିତ ହୋଇଛି ବୋଲି ସେ କହିଥିଲେ।  ଦେଶରେ ସଂଖ୍ୟାଲଘୁଙ୍କ ପ୍ରତି କୌଣସି ଭେଦଭାବ ନାହିଁ ଏବଂ ସେମାନଙ୍କୁ ଆଇନ୍‌ଗତ ସୁରକ୍ଷା ମିଳିପାରୁଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ୬ଟି ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ କଲ୍ୟାଣ ପାଇଁ ଦେଶରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସେ ଦର୍ଶାଇଛନ୍ତି ଭାରତ ବିଷୟରେ ଯେକୌଣସି କଥା କହିବା ପୂର୍ବରୁ ସମସ୍ତେ ସତର୍କ ରହିବା ଉଚିତ୍ କାରଣ ବିଶ୍ୱ ଦରବାରରେ ଏହା ଦେଶର ଛବିକୁ ମଳିନ କରୁଛି। ୨୦୧୪ରୁ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରଠାରୁ ଉତ୍ତର ପୂର୍ବାଞ୍ଚଳରେ ହୋଇଥିବା ବିକାଶର ଧାରାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜିଜୁ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ୧୯୪୭ରୁ ୨୦୧୪ ମଧ୍ୟରେ ଦେଶର ଉତ୍ତର ପୂର୍ବାଞ୍ଚଳରେ ୯ଟି ବିମାନବନ୍ଦର ପ୍ରତିଷ୍ଠା କରାଯାଇଥିବାବେଳେ କେବଳ ଏନ୍‌ଡିଏ ଶାସନର ୧୦ ବର୍ଷ ମଧ୍ୟରେ ଏହି ସଂଖ୍ୟା ବୃଦ୍ଧିପାଇ ୧୭ରେ ପହଞ୍ଚିଛି। ସେହିପରି ୨୦୧୪ ପର୍ଯ୍ୟନ୍ତ ୧୧ ହଜାର କିଲୋମିଟର ଜାତୀୟ ରାଜପଥ ନିର୍ମାଣ ହୋଇଥିବାବେଳେ ଗତ ୧୦ ବର୍ଷ ମଧ୍ୟରେ ୧୬ ହଜାର କିଲୋମିଟର ସୁଦୀର୍ଘ ଜାତୀୟ ରାଜପଥ ନିର୍ମାଣ ହୋଇପାରିଛି। ଏହି ଆଲୋଚନାରେ ଡିଏମ୍‌କେର ଏ. ରାଜା, ବିଜେପିର ଜଗଦମ୍ବିକା ପାଲ୍, ତେଜସ୍ୱୀ ସୂର୍ଯ୍ୟ, ବିରୋଧୀ ଦଳ ନେତା ତଥା କଂଗ୍ରେସର ରାହୁଲ ଗାନ୍ଧୀ,

ଶିବସେନାର ଶ୍ରୀକାନ୍ତ ସିନ୍ଦେ, ଆର୍‌ଏସ୍‌ପିର ଏନ୍.କେ. ପ୍ରେମାଚନ୍ଦ୍ରନ୍, ସିପିଆଇଏମ୍‌ଏଲ୍‌ର ରାଜାରାମ ସିଂହ ପ୍ରମୁଖ ଭାଗ ନେଇଥିଲେ ।

## ଭିପି - ଏନର୍ଜି ଆୱାର୍ଡସ

ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ ନଡ଼ା ଅବଶେଷ ପୋଡ଼ିବା ବ୍ୟବସ୍ଥାଗତ ସମାଧାନ ଖୋଜିବାକୁ ଆହ୍ୱାନ ଦେଇଛନ୍ତି । ଏହାକୁ ବ୍ୟକ୍ତିବିଶେଷଙ୍କ ଉପରେ ଲଦିଦେବା ଉଚିତ ନୁହେଁ ବୋଲି କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୪ ପ୍ରଦାନ ପରିପ୍ରେକ୍ଷୀରେ ସମବେତ ଜନତାଙ୍କୁ ସମ୍ବୋଧନ କରି ଶ୍ରୀ ଧନକଡ଼ ଜାତୀୟ ରାଜଧାନୀ ଦିଲ୍ଲୀ ପ୍ରତ୍ୟେକ ବର୍ଷ ସମ୍ମୁଖୀନ ହେଉଥିବା ନୂତନ ପରିବେଶ ସମ୍ପର୍କିତ ସମସ୍ୟା ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏହାର ସମାଧାନ ବାହାର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଶକ୍ତିର ଦାୟିତ୍ୱପୂର୍ଣ୍ଣ ଉପଯୋଗ ଉପରେ ଶ୍ରୀ ଧନକଡ଼ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ବିଲ୍-ୱାନ୍ ନେସନ୍ ୱାନ୍ ଇଲେକ୍ସନ

'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ସମ୍ପର୍କିତ ୨ଟି ବିଲ୍ ଆସନ୍ତା ସୋମବାର ଦିନ ଲୋକସଭାରେ ଆଗତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଆଇନ୍‌ମନ୍ତ୍ରୀ ଅର୍ଜୁନ ରାମ୍ ମେଘୱାଲ ଲୋକସଭାରେ ସମ୍ବିଧାନ ୧୨୯ତମ ସଂଶୋଧନ ବିଲ୍ ଏବଂ କେନ୍ଦ୍ରଶାସିତ ଅଂଚଳ ସଂଶୋଧନ

ଆଇନ୍ ବିଲ୍ ଆଗତ କରିବେ। ସୂଚନାଯୋଗ୍ୟ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଏହି ପ୍ରସଙ୍ଗ ନେଇ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ, ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ବିଚାରବିମର୍ଶ ପରେ କମିଟି ତାର ରିପୋର୍ଟ ପ୍ରସ୍ତୁତ କରି ଦାଖଲ କରିସାରିଛି। ଗୋଟିଏ ଦେଶ ଗୋଟିଏ ନିର୍ବାଚନ'କୁ ୨ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବାକୁ କମିଟି ସୁପାରିଶ୍ କରିଛି। ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହେବାକୁ ଥିବାବେଳେ ସାଧାରଣ ନିର୍ବାଚନର ୧୦୦ ଦିନ ମଧ୍ୟରେ ପଞ୍ଚାୟତ ଓ ପୌରପାଳିକା ଭଳି ସ୍ଥାନୀୟ ସଂସ୍ଥା ନିର୍ବାଚନ ଅନୁଷ୍ଠିତ ହେବା ନେଇ କମିଟି ତା' ରିପୋର୍ଟରେ ସୁପାରିଶ୍ କରିଛି।

## ପଞ୍ଜାବ ଫାର୍ମର୍ସ-ପ୍ରୋଟେଷ୍ଟ

ପଞ୍ଜାବର ଆନ୍ଦୋଳନରତ କୃଷକମାନେ ଦିଲ୍ଲୀ ଚଲୋ ଡାକରାକୁ ପୁଣି ଗୋଟିଏ ଦିନ ସ୍ଥଗିତ ରଖିଛନ୍ତି। ଆମ ସମ୍ବାଦଦାତା ଜଣାଇଛନ୍ତି ଶମ୍ଭୁ ଚେକ୍‌ପଏଣ୍ଟଠାରେ ହରିଆଣା ପୁଲିସ୍ ଦ୍ୱାରା ପ୍ରୟୋଗ କରାଯାଇଥିବା ଲୁହବୁହା ବାଷ୍ପ ଏବଂ ପାଣିମାଡ଼ କରାଯାଇଥିବା ଯୋଗୁଁ କେତେକ କୃଷକ ଆହତ ହୋଇଥିବାରୁ ଏହି ଦିଲ୍ଲୀ ଚଲୋ ଡାକରା ଅଭିଯାନକୁ ସ୍ଥଗିତ

କରାଯାଇଛି। ଇତିମଧ୍ୟରେ ୧୮ ଦିନ ଧରି ଅନଶନରେ ବସିଥିବା କୃଷକ ନେତା ଜଗଜିତ୍ ସିଂହ ଡାଲେବାଲାଙ୍କୁ ଡାକ୍ତରୀ ସହାୟତା ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପଟିଆଲା ଡେପୁଟି କମିଶନର ଏବଂ ଜିଲ୍ଲା ପୁଲିସ ମୁଖ୍ୟ ଶ୍ରୀ ଡାଲେବାଲାଙ୍କୁ ଆଜି ସାକ୍ଷାତ କରିଛନ୍ତି। କୃଷକମାନେ ପଞ୍ଜାବ ଏବଂ ହରିଆନା ମଧ୍ୟ-ସୀମାନ୍ତ ଶମ୍ଭୁ ଏବଂ କାନୌରୀଠାରେ ଗତ ଫେବୃୟାରୀ ୧୩ ତାରିଖଠାରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଋଣଛାଡ଼ ଦାବି ନେଇ ଆନ୍ଦୋଳନ କରିଆସୁଛନ୍ତି।

# ଦକ୍ଷିଣ କୋରିଆ-ମହା ଅଭିଯୋଗ

ଦକ୍ଷିଣ କୋରିଆ ସଂସଦରେ ରାଷ୍ଟ୍ରପତି ୟୁନ୍‌ସୁଖ.ୟୋଲଙ୍କ ବିରୋଧରେ ଦ୍ୱିତୀୟ ମହା ଅଭିଯୋଗ ପ୍ରସ୍ତାବ ପାରିତ ହୋଇଛି। ଏହି ପ୍ରସ୍ତାବ ସପକ୍ଷରେ ୨୦୪ଟି ଭୋଟ୍ ପଡିଥିବାବେଳେ ବିପକ୍ଷରେ ୮୫ଟି ଭୋଟ୍ ପଡିଥିଲା। ମହାଭିଯୋଗ ପ୍ରସ୍ତାବକୁ ପାରିତ କରିବା ପାଇଁ ୩୦୦ ସଦସ୍ୟଙ୍କ ମଧ୍ୟରୁ ୨୦୦ ଜଣଙ୍କର ସମର୍ଥନର ଆବଶ୍ୟକତା ରହିଥିଲା। ଏହି ପରିପ୍ରେକ୍ଷୀରେ ସାମ୍ବିଧାନିକ ଅଦାଲତ ଶ୍ରୀ ୟୋଲ୍‌ଙ୍କୁ ପୁନଃ ଅବସ୍ଥାପିତ କିମ୍ବା ପଦରୁ ହଟାଇବା ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ କ୍ଷମତାକୁ ସ୍ଥଗିତ ରଖାଯାଇଛି। ସୂଚନାଯୋଗ୍ୟ ରାଷ୍ଟ୍ରପତିଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ପାରିତ ହେବା ପରେ ସାମ୍ବିଧାନିକ ଅଦାଲତରେ ଏ ନେଇ ପୁନଃ ବିଚାର କରାଯିବ। ଯଦି ଅଦାଲତ ତାଙ୍କୁ ପଦବୀରୁ ହଟାଇଦେବାକୁ ନିଷ୍ପତ୍ତି

ନିଅନ୍ତି ତେବେ ୬୦ ଦିନ ମଧ୍ୟରେ ରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ହେବା ଜରୁରୀ। ଦକ୍ଷିଣ କୋରିଆ ଆଇନ ଅନୁଯାୟୀ ଏବେ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରୁଥିବା ପ୍ରଧାନମନ୍ତ୍ରୀ ହାନ୍ ଡକ୍ ସୋ ଗଣମାଧ୍ୟମକୁ କହିଛନ୍ତି ଦେଶରେ ସ୍ଥିରତା ବଜାୟ ରଖିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯିବ।

## ନ୍ୟାଭି ଚିଫ୍ – ଇଣ୍ଡୋନେସିଆ

ନୌବାହିନୀ ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ ଚାରିଦିନିଆ ସରକାରୀ ଗସ୍ତରେ ଯାଇ ଇଣ୍ଡୋନେସିଆରେ ପହଞ୍ଚିଛନ୍ତି। ଏହି ଗସ୍ତ ସମୟରେ ସେ ଇଣ୍ଡୋନେସିଆ ସରକାରଙ୍କ ଉଚ୍ଚସ୍ତରୀୟ ସରକାରୀ ଏବଂ ପ୍ରତିରକ୍ଷା ଅଧିକାରୀମାନଙ୍କ ସହ ଦ୍ୱିପାକ୍ଷୀୟ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ଇଣ୍ଡୋନେସିଆର ପ୍ରତିରକ୍ଷା ମନ୍ତ୍ରୀ ଲେଫ୍ଟନାଣ୍ଟ ଜେନେରାଲ ଜାଫ୍ରି ଜାମସୋଇଦ୍ଦିନ୍ ଇଣ୍ଡୋନେସିଆର ସେନାବାହିନୀ କମାଣ୍ଡର ଜେନେରାଲ ଅଗୁସ୍ ସୁବିଆନ୍ତୋ ଏବଂ ନୌବାହିନୀ ମୁଖ୍ୟ ଆଡମିରାଲ୍ ମହମ୍ମଦ ଅଲ୍ଲୀଙ୍କ ସହ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ। ଆଲୋଚନାରେ ପ୍ରତିରକ୍ଷା ସହଯୋଗ, ସାମୁଦ୍ରିକ ନିରାପତ୍ତା, ମିଳିତ ପ୍ରଶିକ୍ଷଣ ଏବଂ ଉଭୟ ଦେଶର ନୌବାହିନୀର ବିଭିନ୍ନ ଅଭିଯାନକୁ ସୁଦୃଢ଼ କରିବା ପାଇଁ ଏଥିରେ ଆଲୋଚନା ହେବ। ଭାରତ ଏବଂ

ଇଣ୍ଡୋନେସିଆ ମଧ୍ୟରେ ଦ୍ୱିପାକ୍ଷୀୟ ପ୍ରତିରକ୍ଷା ସମ୍ପର୍କକୁ ମଜଭୁତ୍ କରିବା ପାଇଁ ଏହି ଗସ୍ତର ଏକ ଅଂଶବିଶେଷ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉଭୟ ଦେଶ ସାମୁଦ୍ରିକ ସହଯୋଗ ବୃଦ୍ଧି କରିବା ପାଇଁ ଏ ବୈଠକରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରଣାଳୟ କହିଛି।

## ଅରୁଣାଞ୍ଚଳ - କୋଲାପ୍ସ

ଅରୁଣାଞ୍ଚଳ ପ୍ରଦେଶର ନହରଲାଗୁନ୍‌ଠାରେ ଏକ ବିଦ୍ୟାଳୟରେ ପାଣିଟାଙ୍କି ଭୁଷୁଡ଼ିପଡ଼ିବା ଫଳରେ ୩ ଜଣ ଛାତ୍ରଙ୍କ ପ୍ରାଣହାନି ଘଟିବା ସହ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ନହାରଲାଗୁନ୍ ଏସ୍‌ପି ମିହିନ୍ ଗାମ୍ବୋ ସୂଚନା ଦେଇଛନ୍ତି ଯେ ଆଜି ସକାଳେ ଏ ଦୁଃଖଦ ଘଟଣା ଘଟିଥିଲା। ପରେ ପୁଲିସ୍ ସ୍କୁଲ ଅଧ୍ୟକ୍ଷ, ୪ଜଣ ଓ୍ୱାର୍ଡେନ୍‌ଙ୍କ ସମେତ ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## କ୍ରିକେଟ୍ - ଇଣ୍ଡିଆ ଅଷ୍ଟ୍ରେଲିଆ

ବ୍ରିସ୍‌ବେନ୍‌ର ଗାବାଠାରେ ଚାଲିଥିବା ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟମ୍ୟାଚର ଆଜିର ପ୍ରଥମ ଦିନର ଖେଳ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ଆଜିର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସ୍‌ରେ କୌଣସି ଓ୍ୱିକେଟ୍ ନ ହରାଇ ୧୩ ଓଭର ଏବଂ ୨ଟି ବଲ୍‌ରେ ୨୮ ରନ୍

ସଂଗ୍ରହ କରିଛି । ଅଷ୍ଟ୍ରେଲିଆ ପକ୍ଷରୁ ଉସମାନ୍ ଖାଓ୍ୱାଜା ୧୯ ଏବଂ ନାଥନ୍ ମାକ୍ସ୍ୱିନେ ୪ ରନ୍ କରି ଅପରାଜିତ ଅଛନ୍ତି ।

ପୂର୍ବରୁ, ଭାରତୀୟ ଅଧିନାୟକ ରୋହିତ୍ ଶର୍ମା ଟସ୍ ଜିତି ଅଷ୍ଟ୍ରେଲିଆକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ । ଭାରତୀୟ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଛି । ରବିଚନ୍ଦ୍ରନ ଅଶ୍ୱିନୀ ଏବଂ ହର୍ଷିତ୍ ରାଣାଙ୍କ ବଦଳରେ ରବିନ୍ଦ୍ର ଜାଡେଜା ଓ ଆକାଶଦୀପ୍‌ଙ୍କୁ ଦଳରେ ସାମିଲ୍ କରାଯାଇଛି ।

ଆଡିଲେଡ୍‌ର ଓଭାଲ୍‌ଠାରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବା ପରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ୧-୧ରେ ସମାନ ସ୍ଥିତିରେ ରହିଛି । ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ବିଜୟ ଲାଭ କରିଥିଲା ।

ଆସନ୍ତାକାଲିର ଖେଳ ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଧ ଘଣ୍ଟା ପୂର୍ବରୁ ସ୍ଥାନୀୟ ସମୟ ସକାଳ ୯.୫୦ ମିନିଟ୍‌ରେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି ।